# କରୋନା ପାଇଁ ସତର୍କ ପ୍ରଶାସନ

ଢେଙ୍କାନାଳ ଅଫିସ, ୧୭।୩

କରୋନା ଭାଇରସ୍ ସଂକ୍ରମଣକୁ ନେଇ ବିଶ୍ୱବ୍ୟାପୀ ଅସ୍ୱାଭାବିକ ପରିସ୍ଥିତି ସୃଷ୍ଟି ହୋଇଥିବାବେଳେ ଏହାକୁ ପ୍ରତିହତ କରିବାକୁ ସତର୍କ ହୋଇଉଠିଛି ଢେଙ୍କାନାଳ ଜିଲା ପ୍ରଶାସନ। ସଂକ୍ରମଣ ରୋକିବାକୁ ଡାକବାଜି ଯନ୍ତ୍ର ସହାୟତାରେ ପ୍ରଚାର କରାଯାଉଛି। ଆଞ୍ଚଳିକ ପରିବହନ କାର୍ଯ୍ୟାଳୟରେ ଲାଇସେନ୍ସ ଆବେଦନ ଏବଂ ଡ୍ରାଇଭିଂ ଟେଷ୍ଟ ଉପରେ କଟକଣା ଜାରି କରାଯାଇଛି। ସେହିପରି ବାହାର ରାଜ୍ୟରୁ ଜିଲାକୁ ଆସୁଥିବା ଲୋକଙ୍କ ଉପରେ କଡ଼ା ନଜର ରଖାଯାଇଛି।

ମାର୍ଚ୍ଚ ୧ରୁ ସଂଶୋଧିତ ଟ୍ରାଫିକ ନିୟମ ଲାଗୁ ହେବା ସତ୍ତ୍ୱେ ଜିଲା ଆଞ୍ଚଳିକ ପରିବହନ କାର୍ଯ୍ୟାଳୟରେ ଭିଡ଼ କମୁନି। ଭିଡ଼କୁ ନିୟନ୍ତ୍ରଣ କରିବାକୁ ବିଭାଗ ପକ୍ଷରୁ ସାମୟିକ କଟକଣା ଜାରି କରାଯାଇଛି। ଏଣିକି ଦିନକୁ ୫୦ ଜଣ ଲେଖାଏ ଲାଇସେନ୍ସ ପାଇଁ ଆବେଦନ କରିବେ। ସେହିପରି ସମାନ ସଂଖ୍ୟକ ଗାଡ଼ି ଚାଳକ ଡ୍ରାଇଭିଂ ଟେଷ୍ଟ ଦେଇପାରିବେ ବୋଲି ନିୟମ କରାଯାଇଛି। କାର୍ଯ୍ୟାଳୟରେ ଆବେଦନକାରୀମାନେ ପରସ୍ପର ମଧ୍ୟରେ ଦୂରତା ରକ୍ଷା କରିବା, ମାସ୍କ ବ୍ୟବହାର କରିବାକୁ ସଚେତନ କରାଯାଉଛି। ସ୍ଥାନୀୟ ବସ୍‌ଷ୍ଟାଣ୍ଡ ଏବଂ ବାଜିରୌକସ୍ଥିତ ଆହାର କେନ୍ଦ୍ରରେ ମଧ୍ୟ ସତର୍କତା ଅବଲମ୍ବନ କରାଯାଇଛି। ଆହାର କେନ୍ଦ୍ରରେ ପଇସା ହାତକୁ ନ ଦେଇ ବାକ୍ସରେ ପକାଇବା ପାଇଁ ନିର୍ଦ୍ଦେଶାବଳୀ ଜାରି ହୋଇଛି। ଖାଇବାକୁ ଆସୁଥିବା ଲୋକମାନେ ସ୍ୱଚ୍ଛତାକୁ ଗୁରୁତ୍ୱ ଦେବା, ନିଜ ନିଜ ମଧ୍ୟରେ ବ୍ୟବଧାନ ବଜାୟ ରଖିବାକୁ ପରାମର୍ଶ ଦିଆଯାଉଛି। ଲୋକମାନଙ୍କ ସୁବିଧା ପାଇଁ ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୪ଟା ଯାଏ ଆହାର କେନ୍ଦ୍ର ଖୋଲା ରଖିବାକୁ କୁହାଯାଇଛି। ଜିଲାବାସୀଙ୍କୁ ଭୂତାଣୁ ସଂକ୍ରମଣରୁ ସୁରକ୍ଷିତ ରଖିବାକୁ ୧୪୪ ଧାରା ଜାରି କରାଯାଇଛି। ଶପିଂମଲଗୁଡ଼ିକ ବନ୍ଦ କରାଯାଇଥିବାରୁ ଏହାର ପ୍ରଭାବ ଆଞ୍ଚଳିକ ଅର୍ଥନୀତି ଉପରେ ପଡ଼ିଛି। ଜିଲାପାଳ ଭୂମେଶ ଚନ୍ଦ୍ର ବେହେରାଙ୍କ ନିର୍ଦ୍ଦେଶରେ ତହସିଲଦାର ଲକ୍ଷ୍ମୀଧର ରାଉତ, ଅତିରିକ୍ତ ଯୋଗାଣ ବିଭାଗ ଅଧିକାରୀ ଅଜିତ କୁମାର ସୁବୁଦ୍ଧି ପ୍ରମୁଖ ଗ୍ରୋସରି ସାମଗ୍ରୀ ବିକ୍ରି କରାଯାଉଥିବା ଶପିଂ ମଲକୁ ଯାଇ ବ୍ୟବସାୟୀଙ୍କୁ ସଚେତନ କରାଇଛନ୍ତି। ଜରୁରୀ ତଥା ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ କଳାବଜାରୀ ନ କରିବାକୁ ଅଧିକାରୀମାନେ କଡ଼ା ତାଗିଦ୍ କରିଛନ୍ତି। ଅନ୍ୟପଟେ ସହରବାସୀଙ୍କୁ ମଶା ଉପଦ୍ରବରୁ ସୁରକ୍ଷା ଦେବାକୁ ମଙ୍ଗଳବାର ମଶାଧୂଆଁ ଛଡ଼ାଯାଇଛି।

ଏ ନେଇ ସିଡିଏମ୍‌ଓ ଡା. ନିରଞ୍ଜନ ମିଶ୍ର କୁହନ୍ତି, ବାହାର ରାଜ୍ୟରୁ ଫେରୁଥିବା ଲୋକଙ୍କୁ ୧୪ଦିନ ଯାଏ ଘରୁ ବାହାରକୁ ନ ଯିବାକୁ ପରାମର୍ଶ ଦିଆଯାଇଛି। ଏଥିସହ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଆବଶ୍ୟକ ପଦକ୍ଷେପ ନିଆଯାଉଛି। ଜିଲାପାଳ କୁହନ୍ତି, ରାଜ୍ୟ ସରକାରଙ୍କ ପକ୍ଷରୁ ଜାରି କରାଯାଇଥିବା ନିର୍ଦ୍ଦେଶାବଳୀ ଅନୁଯାୟୀ ସମସ୍ତ ପଦକ୍ଷେପ ଗ୍ରହଣ କରାଯାଉଛି।


ମଶା ଧୂଆଁ ଦିଆଯାଉଛି।

- ଡାକବାଜି ଯନ୍ତ୍ର ସହାୟତାରେ ପ୍ରଚାର
- ଆଞ୍ଚଳିକ ପରିବହନ କାର୍ଯ୍ୟାଳୟରେ କଟକଣା

### ସ୍କାନରରେ ୨୪

କରୋନା ଭୟରେ ବିଦେଶ ଏବଂ ରାଜ୍ୟ ବାହାରେ ରହି କାମ କରୁଥିବା ଜିଲାର ବିଭିନ୍ନ ଅଞ୍ଚଳର ଲୋକମାନେ ଘରମୁହାଁ ହୋଇଛନ୍ତି। ସେମାନଙ୍କ ନିକଟରେ ଭୂତାଣୁ ସଂକ୍ରମଣ ଆଶଙ୍କା ଅଧିକ। ତେଣୁ ସେମାନଙ୍କ ଉପରେ ଜିଲା ସ୍ୱାସ୍ଥ୍ୟ ବିଭାଗ କଡ଼ା ନଜର ରଖିଛି। ୩ ବିଦେଶ ଫେରନ୍ତା ଏବଂ ଅନ୍ୟ ରାଜ୍ୟରେ କାମ କରୁଥିବା ୨୧ ଜଣ ଏହିପରି ମୋଟ ୨୪ ଜଣଙ୍କୁ ସ୍କାନରକୁ ନିଆଯାଇଛି। ସେମାନଙ୍କୁ ଘର ଭିତରେ ନିବୃତ୍ତ ଭାବେ ରହିବାକୁ ପରାମର୍ଶ ଦିଆଯାଇଛି। ଅଦ୍ୟାବଧି ସେମାନଙ୍କ ନିକଟରେ ରୋଗ ଲକ୍ଷଣ ଦେଖାଯାଇ ନ ଥିବା ସିଡିଏମ୍‌ଓ ଡା. ନିରଞ୍ଜନ ମିଶ୍ର ସୂଚନା ଦେଇଛନ୍ତି।


## ଜରାୟୁ ଗ୍ରୀବା କର୍କଟ ସଚେତନତା...

Brought to you by: Apollo HOSPITALS BHUBANESWAR

**ଜରାୟୁ ଗ୍ରୀବା କର୍କଟର ଆଶଙ୍କାଗତ ଦିଗଗୁଡ଼ିକ କ'ଣ?**

**ଧୂମପାନ**

ଧୂମପାନ କରୁ ନ ଥିବା ମହିଳାଙ୍କ ତୁଳନାରେ ଧୂମପାନ କରୁଥିବା ମହିଳାଙ୍କ କ୍ଷେତ୍ରରେ ଜରାୟୁ ଗ୍ରୀବା କର୍କଟ ହେବାର ସମ୍ଭାବନା ଦୁଇଗୁଣ ଅଧିକ ଥାଏ। ଗବେଷଣାରୁ ଜଣାପଡ଼େ ଯେ ସିଗାରେଟ୍ ଜରାୟୁ ଗ୍ରୀବାର କୋଷିକାଗୁଡ଼ିକୁ କ୍ଷତିଗ୍ରସ୍ତ କରି କର୍କଟ ରୋଗର କାରଣ ସାଜିପାରେ। ଧୂମପାନ ରୋଗ ପ୍ରତିରୋଧକ କ୍ଷମତାକୁ ମଧ୍ୟ ଦୁର୍ବଳ କରିଦେଇଥାଏ, ଯାହା କାରଣରୁ ଏଚ୍‌ପିଭି ଇଞ୍ଜେକ୍ସନ୍ ସହ ଲଢ଼ିବା ଆହୁରି କଷ୍ଟକର ହୋଇଯାଏ।

**ବୟସ**

୬୦ ବର୍ଷରୁ ଉର୍ଦ୍ଧ୍ୱ ବୟସର ମହିଳାଙ୍କ କ୍ଷେତ୍ରରେ ଜରାୟୁ ଗ୍ରୀବା କର୍କଟର ସମ୍ଭାବନା ଅଧିକ ରହିଥାଏ।

**ଜରାୟୁ ଗ୍ରୀବା କର୍କଟର ଅନ୍ୟାନ୍ୟ ଆଶଙ୍କାଗତ ଦିଗଗୁଡ଼ିକ ହେଲା:**

ପୂର୍ବରୁ ଜରାୟୁ ଗ୍ରୀବା କର୍କଟ ଅଥବା ଅସ୍ୱାଭାବିକ କୋଷିକା ପାଇଁ ଚିକିତ୍ସା ହାସଲ କରିବା

ପାଞ୍ଚବର୍ଷ କିମ୍ବା ତଦୂର୍ଦ୍ଧ୍ୱ ସମୟ ଧରି ଜନ୍ମ ନିୟନ୍ତ୍ରଣ ବଟିକା ବ୍ୟବହାର କରିବା

ଏକାଧିକ ବ୍ୟକ୍ତିଙ୍କ ସହ ଯୌନ ସମ୍ପର୍କ

ଏଡ୍‌ସ ରୋଗ ସୃଷ୍ଟି କରୁଥିବା ଏଚ୍‌ଆଇଭି ଭୂତାଣୁ କିମ୍ବା ସଂକ୍ରମଣ ସହ ଲଢ଼ିବାରେ ଶରୀର ପାଇଁ ସମସ୍ୟା ସୃଷ୍ଟି କରୁଥିବା ଅନ୍ୟ କୌଣସି ସ୍ୱାସ୍ଥ୍ୟାବସ୍ଥା।




**ମୋ କ୍ଷେତ୍ରରେ ଜରାୟୁ ଗ୍ରୀବା କର୍କଟର ଆଶଙ୍କାକୁ ହ୍ରାସ କରିବା ପାଇଁ ମୁଁ କ'ଣ କରିପାରିବି?**

କେତେକ ଆଶଙ୍କାଗତ ଦିଗ, ଯେପରିକି ବୟସ ନିୟନ୍ତ୍ରଣାଧୀନ ନୁହେଁ, କିନ୍ତୁ ଅନ୍ୟାନ୍ୟ କାରକଗୁଡ଼ିକୁ ନିୟନ୍ତ୍ରଣ କରାଯାଇପାରିବ। ଜରାୟୁ ଗ୍ରୀବା କର୍କଟର ଆଶଙ୍କାକୁ ହ୍ରାସ କରିବା କିମ୍ବା ସମ୍ପୂର୍ଣ୍ଣ ଭାବେ ପ୍ରତିରୋଧ କରିବା ପାଇଁ କେତୋଟି ଉପାୟ ହେଲା:

**ଟିକାକରଣ**

ଏଚ୍‌ପିଭି ଟୀକା ଜରାୟୁ ଗ୍ରୀବା କର୍କଟ ସୃଷ୍ଟି କରୁଥିବା ଅଧିକାଂଶ ପ୍ରକାରର ଏଚ୍‌ପିଭି ବିରୁଦ୍ଧରେ ସୁରକ୍ଷା ଯୋଗାଇଥାଏ। ମହିଳାଙ୍କ କ୍ଷେତ୍ରରେ ଏଚ୍‌ପିଭି ଟିକା ଜରାୟୁ ଗ୍ରୀବା, ଯୋନି ଓ ଯୋନିମୁଖ କର୍କଟର ପ୍ରତିରୋଧରେ ସହାୟକ ହୋଇଥାଏ। ଏହା ମଳଦ୍ୱାର, ମୁଖ ଓ ଗଳା କର୍କଟ ବିରୁଦ୍ଧରେ ମଧ୍ୟ ସୁରକ୍ଷା ଯୋଗାଇଥାଏ।

**ସ୍କ୍ରିନିଂ**

ନିୟମିତ ସ୍କ୍ରିନିଂ ପରୀକ୍ଷା ଦ୍ୱାରା ସଅଳ ଚିହ୍ନଟ ହେଲେ ଜରାୟୁ ଗ୍ରୀବା କର୍କଟର ପ୍ରତିରୋଧ କରାଯାଇପାରିବ।

ଜରାୟୁ ଗ୍ରୀବା କର୍କଟ ସ୍କ୍ରିନିଂ ପାଇଁ ନିୟମିତ ଭାବେ ନିଜର ସ୍ୱାସ୍ଥ୍ୟ ସେବା ପ୍ରଦାନକାରୀଙ୍କ ସହ ଦେଖା କରନ୍ତୁ। ଆପଣଙ୍କର ସ୍କ୍ରିନିଂ ଫଳାଫଳ ସ୍ୱାଭାବିକ ନ ଥିଲେ ସ୍ୱାସ୍ଥ୍ୟସେବା ପ୍ରଦାନକାରୀଙ୍କ ସହ ପରାମର୍ଶ କରନ୍ତୁ। *(କ୍ରମଶଃ...)*

ଡା. ନୀତିଶ ରଞ୍ଜନ ଆଚାର୍ଯ୍ୟ,
(ଏମ୍.ଏସ୍., ଏମ୍‌ସିଏଚ୍.)
କନ୍‌ସଲଟାଣ୍ଟ କ୍ୟାନ୍‌ସର ସର୍ଜନ୍
ଆପୋଲୋ ହସ୍ପିଟାଲ୍ସ - ଭୁବନେଶ୍ୱର
ଆପଏଣ୍ଟମେଣ୍ଟ : ୦୬୭୪ ୬୬୬୧୦୧୬ । ଇମର୍ଜେନ୍ସି: ୦୬୭୪ ୬୬୬୦୬୬୬


## ଜେଲ ଅନ୍ତେବାସୀଙ୍କ ପ୍ରତିଷେଧକ ବ୍ୟବସ୍ଥା ଦାବି

ଢେଙ୍କାନାଳ ଅଫିସ, ୧୭।୩

ଢେଙ୍କାନାଳ ଜିଲାର ବିଭିନ୍ନ ଜେଲ୍‌ରେ ଥିବା ଅନ୍ତେବାସୀଙ୍କୁ କରୋନା ଭାଇରସ୍ ସଂକ୍ରମଣରୁ ସୁରକ୍ଷା ଦେବା ଲାଗି ପ୍ରତିଷେଧକ ବ୍ୟବସ୍ଥା କରିବାକୁ ବୁଦ୍ଧିଜୀବୀ ମହାସଂଘ ପକ୍ଷରୁ ଦାବି କରାଯାଇଛି। ଏ ନେଇ ମଙ୍ଗଳବାର ଏସ୍‌ପିଙ୍କୁ ଲିଖିତ ଭାବେ ଜଣାଯାଇଛି। ଢେଙ୍କାନାଳ ଜିଲା କାରାଗାର ସମେତ କାମାକ୍ଷାନଗର ଏବଂ ହିନ୍ଦୋଳ ଉପକାରାଗାରରେ ରହୁଥିବା ଅନ୍ତେବାସୀ, କର୍ମଚାରୀଙ୍କୁ କରୋନା ଭୂତାଣୁର ଭୟାବହତା ସମ୍ପର୍କରେ ସଚେତନ କରାଇବା, ଜେଲ୍ ପରିସରକୁ ପରିଷ୍କାର ରଖିବା, ସାନିଟାଇଜର, ସାବୁନ, ମାସ୍କ ଯୋଗାଇଦେବା, ଥଣ୍ଡାରେ ଆକ୍ରାନ୍ତ ଅନ୍ତେବାସୀଙ୍କୁ ଜିଲା ଚିକିତ୍ସାଳୟର ଆଇସୋଲେଶନ ୱାର୍ଡରେ ଭର୍ତ୍ତି କରିବା ପାଇଁ ମହାସଂଘ ପକ୍ଷରୁ ଦାବି କରାଯାଇଛି। ଏ ନେଇ ଡା. ତୁଷାରକାନ୍ତି ନାୟକ, ରୁଦ୍ରପ୍ରକାଶ ଶରଣ ପ୍ରମୁଖ ଏସ୍‌ପିଙ୍କୁ ଲିଖିତ ଭାବେ ଜଣାଇବା ସହ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

## ଅଡିଓ ଉପନ୍ୟାସ ଉନ୍ମୋଚିତ


କାର୍ଯ୍ୟକ୍ରମରେ ଅନୁଷ୍ଠାନର ଛାତ୍ରୀଛାତ୍ରଙ୍କ ସମେତ ଅନ୍ୟମାନେ।

ଢେଙ୍କାନାଳ ଅଫିସ, ୧୭।୩

ଢେଙ୍କାନାଳ ଆଇଆଇଏମ୍‌ସି ପରିସରରେ ସୋମବାର କଥାକାର ତଥା ଅନୁଷ୍ଠାନର ଆଞ୍ଚଳିକ ନିର୍ଦ୍ଦେଶକ ଡ. ମୃଣାଳ ଚାଟାର୍ଜୀଙ୍କ ପ୍ରଥମ ଓଡ଼ିଆ ଉପନ୍ୟାସ 'କୁକୁରର କାହାଣୀ' ଉନ୍ମୋଚିତ ହୋଇଛି। ଅତିଥି ଅଧ୍ୟାପକ ସୁବ୍ରତ କୁମାର ପତି ଏହାକୁ ଉନ୍ମୋଚନ କରିଛନ୍ତି। ୨୦୧୯ ଡିସେମ୍ବରରେ ଟାଇମ୍‌ପାସ୍ ପ୍ରକାଶନ ପକ୍ଷରୁ ଉପନ୍ୟାସଟି ପୁସ୍ତକ ଆକାରରେ ପ୍ରକାଶିତ ହୋଇଥିଲା। ଏହା ପ୍ରଥମ ଅଡିଓ ଓଡ଼ିଆ ଉପନ୍ୟାସ ବୋଲି କୁହାଯାଇଛି। ମୃଣାଳ ନିଜେ ଏହାର ସ୍ୱର ସଂଯୋଜନା କରିଛନ୍ତି।

ଏଥିରେ ମୋଟ ୧୨ ଅଧ୍ୟାୟ ରହିଛି। କୁକୁରର ଜନ୍ମ ବୃତ୍ତାନ୍ତ, କୁକୁରଙ୍କୁ ନେଇ ରହିଥିବା ଲୋକ ବିଶ୍ୱାସ, ବିଭିନ୍ନ ପ୍ରଜାତିର କୁକୁରଙ୍କ ଲକ୍ଷଣ, ଶରୀର ଗଠନକୁ ନେଇ ଅନେକ ଗବେଷଣାତ୍ମକ ତଥ୍ୟ ଏଥିରେ ସ୍ଥାନ ପାଇଛି। ଏଥିସହ ମଣିଷର ପ୍ରକୃତି, ଚରିତ୍ର, ନିଷ୍ଠୁର ମାନସିକତା ଆଗରେ ଜୀବଜଗତ ପ୍ରତି ଥିବା ବିପଦକୁ ମଧ୍ୟ ଏଥିରେ ସ୍ଥାନ ଦିଆଯାଇଛି। ଇଣ୍ଟରନେଟ୍ ରେଡ଼ିଓ ଚ୍ୟାନେଲ 'ରେଡ଼ିଓ ଭୁବନେଶ୍ୱର'ରେ ଏହି ଉପନ୍ୟାସ ପ୍ରତ୍ୟହ ରାତି ୯ଟାରେ ଧାରାବାହିକ ଭାବେ ପ୍ରସାରିତ ହେବ ବୋଲି ସୂଚନା ଦିଆଯାଇଛି।

ଏ ସଂକ୍ରାନ୍ତରେ ମୃଣାଳ କୁହନ୍ତି, ଆଜିର ଡିଜିଟାଲ ଯୁଗରେ ଉପନ୍ୟାସ ପଢିବାର ରୁଚି କମିବାରେ ଲାଗିଛି। ଏହି ସଂସ୍କରଣ ଲୋକଙ୍କୁ ହୃଦୟକୁ ଛୁଇଁପାରିବ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି। କାର୍ଯ୍ୟକ୍ରମରେ ସହକାରୀ ପ୍ରଫେସର ଜ୍ୟୋତି ପ୍ରକାଶ ମହାପାତ୍ର, ଟେକ୍ନିକାଲ କୋଅର୍ଡିନେଟର ବଦ୍ରିନାଥ ଜେନାଙ୍କ ସମେତ ସଂସ୍ଥାନର ଛାତ୍ରୀଛାତ୍ର, ଅଧ୍ୟାପକ ଏବଂ କର୍ମଚାରୀ ଉପସ୍ଥିତ ଥିଲେ।

## ଆଇନକୁ ଫୁଁ: ଶିକ୍ଷାନୁଷ୍ଠାନ ଖୋଲା

ପରଜଙ୍ଗ, ୧୭।୩(ଡି.ଏନ.ଏ.)

କରୋନା ଭାଇରସ୍‌କୁ ପ୍ରତିହତ କରିବାକୁ ଢେଙ୍କାନାଳ ଜିଲାରେ ଲାଗୁ ହୋଇଛି ୧୪୪ ଧାରା। ଭୂତାଣୁ ସଂକ୍ରମଣ ରୋକିବାକୁ ଯାନିଯାତ୍ରା, ହାଟ, ସ୍କୁଲ, କୋଚିଂ ସେଣ୍ଟର ବନ୍ଦ ରଖାଯାଇଛି। ହେଲେ ପରଜଙ୍ଗରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। କଟକଣାକୁ ବେଖାତିର କରି ମଙ୍ଗଳବାର ଅଞ୍ଚଳର ଏକ ବେସରକାରୀ ସ୍କୁଲ ଖୋଲା ରହିଥିଲା। ଏ ନେଇ ଅନେକେ ପ୍ରଶ୍ନ ଉଠାଇବା ସହ ବିଇଓ ଏବଂ ତହସିଲଦାରଙ୍କୁ ଅବଗତ କରାଇଥିଲେ। ତହସିଲଦାର ଜୟନ୍ତ କୁମାର ଜୟସିଂ ପହଞ୍ଚି ତାଗିଦ୍ କରିବା ପରେ ସ୍କୁଲ କର୍ତ୍ତୃପକ୍ଷ ଶିକ୍ଷାନୁଷ୍ଠାନକୁ ବନ୍ଦ କରିଥିଲେ। ଏ ନେଇ ବିଇଓ ହରିହର ଦେହୁରୀ କୁହନ୍ତି, ନିର୍ଦ୍ଦେଶ ସତ୍ତ୍ୱେ ସ୍କୁଲ କର୍ତ୍ତୃପକ୍ଷ ଗାଇଡ୍ ଲାଇନ ମାନି ନ ଥିବାରୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯିବ। ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ ସୂଚନା ଦେଇଛନ୍ତି।

ସେହିପରି ଜିଲାପାଳଙ୍କ ନିର୍ଦ୍ଦେଶକୁ ଫୁଁ କରି ସ୍ଥାନୀୟ ୟୁକୋ ବ୍ୟାଙ୍କ ନିକଟରେ ଥିବା ଏକ ଟ୍ୟୁଟୋରିଆଲ ଖୋଲାଥିଲା। ଶତାଧିକ ଛାତ୍ରୀଛାତ୍ର ପାଠ ପଢ଼ିବାକୁ ମଧ୍ୟ ଆସିଥିଲେ। ତେବେ ବୁଦ୍ଧିଜୀବୀମାନେ ଆପତ୍ତି ଉଠାଇବା ପରେ ଆଗାମୀ ଦିନରେ କୋଚିଂ ସେଣ୍ଟର ବନ୍ଦ ରଖିବାକୁ ଏହାର ପରିଚାଳକ କହିଛନ୍ତି।






ଆଜି କ'ଣ କେଉଁଠି ସ୍ତମ୍ଭରେ କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସ୍ଥାନୀୟ ଧରିତ୍ରୀ ପ୍ରତିନିଧି କିମ୍ବା ମୁଖ୍ୟକାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

## କମେଣ୍ଟ ମାରି ଯୁବକ ଗିରଫ

**ରାସୋଳ, ୧୭।୩(ଡି.ଏନ୍.ଏ.):** ଜଣେ ସପ୍ତମ ଶ୍ରେଣୀ ଛାତ୍ରୀଙ୍କୁ କମେଣ୍ଟ ମାରିବା ଏବଂ ଅଶାଳୀନ ଇଙ୍ଗିତ କରିବା ଅଭିଯୋଗରେ ରାସୋଳ ପୋଲିସ ମଙ୍ଗଳବାର ଜଣେ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ଇସ୍ରାପାଳ ଗ୍ରାମର ସୀତେଶ ଜେନା (୧୯)। ଏ ନେଇ ଛାତ୍ରୀଙ୍କ ବାପାଙ୍କ ଅଭିଯୋଗକ୍ରମେ ନଂ. ୨୭/୨୦, ୩୪୧, ୨୯୪,. ୩୫୪ (ଡି), ୫୦୬, ୧୨ ପୋକ୍‌ସୋ ଆକ୍ଟରେ ମାମଲା ରୁଜୁ କରାଯାଇଛି। ବୁଧବାର ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ପୋଲିସ କହିଛି।

## କ୍ରାଲ୍‌ରେ ରହିବ 'ରାକେଶ'


ରେସ୍କ୍ୟୁ ସେଣ୍ଟରରେ ରାକେଶ।

**କପିଳାସ ଜୁ'ରେ ପ୍ରଥମ**

ଢେଙ୍କାନାଳ ଅଫିସ, ୧୭।୩

ଢେଙ୍କାନାଳ ଜିଲା କପିଳାସ ଚିଡ଼ିଆଖାନାର ଏଲିଫ୍ୟାଣ୍ଟ ରେସ୍କ୍ୟୁ ସେଣ୍ଟର ପରିସରରେ ବନ୍ଦୀ ଜୀବନ କାଟୁଥିବା ନରହନ୍ତା ଦନ୍ତା 'ରାକେଶ'କୁ କ୍ରାଲ୍ (କାଠବାଡ଼)ରେ ଆବଦ୍ଧ କରି ରଖିବାକୁ ଯୋଜନା କରୁଛି ବନ ବିଭାଗ। କ୍ରାଲ୍‌ରେ ରହିବା ପରେ ହାତୀ ଶୃଙ୍ଖଳ ମୁକ୍ତ ହୋଇପାରିବ। ଏହା ଫଳରେ ଶିକୁଳି ଯୋଗୁ ଦନ୍ତା ଗୋଡ଼ରେ ସୃଷ୍ଟି ହୋଇଥିବା କ୍ଷତ ଶୁଖିବାରେ ସହାୟକ ହେବ ବୋଲି ଡିଏଫ୍‌ଓ ବିମଳ ପ୍ରସନ୍ନ ଆଚାର୍ଯ୍ୟ ସୂଚନା ଦେଇଛନ୍ତି। କପିଳାସ ଚିଡ଼ିଆଖାନା ଇତିହାସରେ ଏପରି ବ୍ୟବସ୍ଥା ପ୍ରଥମ ଥର କରାଯିବ ବୋଲି ଜଣାପଡ଼ିଛି।

ପରଜଙ୍ଗ-ତାଳଚେର ସୀମାନ୍ତ ଅଞ୍ଚଳରେ ଆତଙ୍କ ସୃଷ୍ଟି କରି ୧୦ରୁ ଊର୍ଦ୍ଧ୍ୱ ଜୀବନ ନେଇଥିବା ଉକ୍ତ ଦନ୍ତାକୁ ଟ୍ରାଙ୍କୁଲାଇଜ୍ କରି ଗତ ଜାନୁୟାରୀ ୨୨ରେ କପିଳାସ ଜୁ'କୁ ଅଣାଯାଇଥିଲା। ଉନ୍ମତ୍ତ ହାତୀକୁ ରେସ୍କ୍ୟୁ ସେଣ୍ଟର ପରିସରରେ ଥିବା ଏକ ଖୋଲା ମଣ୍ଡପ ଚାରିପଟେ ଟ୍ରେଞ୍ଚ ଖୋଳାଯାଇ ରଖାଯାଇଛି। କାଳେ ହାତୀ କୌଣସି ଦୁର୍ଘଟଣା ଘଟାଇବ ସେଥିଲାଗି ତା'ର ୪ ଗୋଡ଼କୁ ଶିକୁଳିରେ ବନ୍ଧା ଯାଇଛି। ହେଲେ ଶିକୁଳି ଘଷି ହେବା ଯୋଗୁ ଦନ୍ତାର ପଛ ଦୁଇଗୋଡ଼ରେ ଗୁରୁତର କ୍ଷତ ସୃଷ୍ଟି ହୋଇଛି। ଯନ୍ତ୍ରଣାରେ ହାତୀ ଗର୍ଜନ କରୁଛି। ଏ ସମ୍ପର୍କରେ ଗଣମାଧ୍ୟମରେ ଖବର ପ୍ରକାଶିତ ହେବା ପରେ ପିସିସିଏଫ୍ ହରିଶଙ୍କର ଉପାଧ୍ୟାୟ ଦୁଇଦିନ ତଳେ କପିଳାସ ଚିଡିଆଖାନା ପରିଦର୍ଶନ କରି ହାତୀର ସ୍ୱାସ୍ଥ୍ୟାବସ୍ଥା ପରଖିଥିଲେ। ଏହାପରେ କ୍ରାଲ୍‌ରେ 'ରାକେଶ'କୁ ରଖିବାକୁ ଯୋଜନା କରାଯାଉଥିବା ଜଣାପଡ଼ିଛି।

ଏ ନେଇ ଡିଏଫ୍‌ଓ କୁହନ୍ତି, ରାକେଶକୁ କ୍ରାଲରେ ରଖାଯିବା ପରେ ଚିଡ଼ିଆଖାନାରେ ପୂର୍ବରୁ ଥିବା ୪ ହାତୀ କାର୍ତ୍ତିକ, ଉମା, ଚନ୍ଦୁ ଏବଂ ହିରୋ ସୁରକ୍ଷିତ ରହିପାରିବେ। ଏଥିସହ ହାତୀଗୋଡ଼ରେ ସୃଷ୍ଟି ହୋଇଥିବା କ୍ଷତ ମଧ୍ୟ ଶୀଘ୍ର ଶୁଖିବାରେ ସହାୟକ ହେବ।

### କ'ଣ ଏହି କ୍ରାଲ୍

ସାଧାରଣତଃ ଅମାନିଆ ହାତୀକୁ ଆୟତ୍ତ କରିବା ଏବଂ ଏହାର ହିଂସ୍ର ସ୍ୱଭାବରେ ପରିବର୍ତ୍ତନ ଆଣିବାକୁ କ୍ରାଲ୍ ବ୍ୟବସ୍ଥା କରାଯାଇଥାଏ। କ୍ରାଲ୍ ହେଉଛି ଏକ ପ୍ରକାର କାଠ ନିର୍ମିତ ଚୌପାଢ଼ି। ଅର୍ଥାତ୍ ଏକ ସ୍ଥାନକୁ ବଡ଼ ବଡ଼ କାଠ ଗଣ୍ଡି ଦ୍ୱାରା ଆବଦ୍ଧ କରାଯାଇଥାଏ। ଏହା ଭିତରେ ହାତୀ ରହିବା ଭଳି ଜାଗା ଥାଏ। ହାତୀକୁ କ୍ରାଲ୍‌ରେ ରଖିବା ପରେ ଏହାର ସ୍ୱାସ୍ଥ୍ୟାବସ୍ଥା ଉପରେ ନଜର ରଖିବା ଏବଂ ଚିକିତ୍ସା କରିବାରେ ସୁବିଧା ହୋଇଥାଏ।

## ସଂକ୍ଷେପରେ

### ୨୨ ବିଦେଶ ଫେରନ୍ତାଙ୍କ ଉପରେ ନଜର

ଅନୁଗୋଳ ଅଫିସ୍, ୧୭।୩- ଦେଶ ଓ ରାଜ୍ୟ ବାହାରେ କାମ କରୁଥିବା ଅନୁଗୋଳ ଜିଲାର ୨୨ ଜଣ ଅଦ୍ୟାବଧି ଘରକୁ ପଳାଇ ଆସିଲେଣି। ସମସ୍ତଙ୍କ ପରିଚୟ ମିଳିଥିବାରୁ ସ୍ୱାସ୍ଥ୍ୟ ବିଭାଗ ସେମାନଙ୍କ ଉପରେ ନଜର ରଖିଛି। ସେମାନଙ୍କ ଲାଳ ଓ ରକ୍ତ ପରୀକ୍ଷା କରାଯାଇଛି। କିନ୍ତୁ କାହାରିଠାରେ ଏଯାଏ କରୋନା ଲକ୍ଷଣ ମିଳିନାହିଁ। ସରକାରୀ ନିୟମ ଅନୁଯାୟୀ ସେମାନଙ୍କ ଉପରେ ତୀକ୍ଷ୍ଣ ନଜର ରଖାଯାଇଛି। ସମସ୍ତେ ଘରେ ଥିବାବେଳେ ସ୍ୱାସ୍ଥ୍ୟକର୍ମଚାରୀ ସ୍ୱାସ୍ଥ୍ୟାବସ୍ଥା ଯାଞ୍ଚ କରିଛନ୍ତି। ସାଉଦିଆରବ ଓ ନାଇଜେରିଆରୁ ଦୁଇ ଭାଇ ଆସି କଣିହାଁ ଅଞ୍ଚଳରେ ମଙ୍ଗଳବାର ପହଞ୍ଚିବା ପରେ ବିଡିଓ, ଅନ୍ୟ ଅଧିକାରୀମାନେ ତାଙ୍କର ଠିକଣା, ବୟସ, ନାମ ଲିପିବଦ୍ଧ କରି ଜିଲାପାଳଙ୍କୁ ଜଣାଇଛନ୍ତି। ଅନ୍ୟପକ୍ଷରେ ଜିଲାପାଳ ମନୋଜ କୁମାର ମହାନ୍ତି କହିଛନ୍ତି, ବିଦେଶ ଓ ବାହାର ରାଜ୍ୟରୁ ଫେରିଥିବା ୨୨ ଜଣଙ୍କ ଉପରେ ନଜର ରଖାଯାଇଛି। ସେମାନଙ୍କଠାରେ କରୋନା ଲକ୍ଷଣ ମିଳିନାହିଁ। ଥଣ୍ଡା, ଜ୍ୱର, କାଶ, ଛିଙ୍କ ହେଲେ ତୁରନ୍ତ ଜିଲା ମୁଖ୍ୟ ଚିକିତ୍ସାଳୟରେ ଖୋଲିଥିବା ଆଇସୋଲେସନ୍ ୱାର୍ଡରେ ରଖାଯିବାକୁ ନିର୍ଦ୍ଦେଶ ଦିଆଯାଇଛି। ବର୍ତ୍ତମାନ ସେମାନେ ଘରେ କ୍ୱାରାଣ୍ଟାଇନ୍‌ରେ ରହିବାକୁ ପରିବାର ଲୋକଙ୍କୁ ପରାମର୍ଶ ଦିଆଯାଇଥିବା ଜିଲାପାଳ ମହାନ୍ତି କହିଛନ୍ତି।

### କୋର୍ଟ କାର୍ଯ୍ୟ ବନ୍ଦ ଦାବି

ଅନୁଗୋଳ ଅଫିସ୍, ୧୭।୩- କରୋନା ପାଇଁ ଅନୁଗୋଳ କୋର୍ଟ କାର୍ଯ୍ୟକୁ ବନ୍ଦ କରିବା ପାଇଁ ଅନୁଗୋଳ ଓକିଲ ସଂଘ ପକ୍ଷରୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। କୋର୍ଟକୁ ଆସୁଥିବା ଅଭିଯୁକ୍ତ ଓ ସାକ୍ଷୀମାନେ କାଳେ ଏଥିରେ ପ୍ରଭାବିତ ହେବେ ତାହାକୁ ଦୃଷ୍ଟିରେ ରଖି କୋର୍ଟ କାର୍ଯ୍ୟ ବନ୍ଦ କରିବାକୁ ବାର୍ ଆସୋସିଏଶନ୍ ପକ୍ଷରୁ ଦାବି କରାଯାଇଥିବା ଓକିଲ ସଂଘ ସଭାପତି ଜିତେନ୍ଦ୍ର କୁମାର ସାହୁ ସୂଚନା ଦେଇଛନ୍ତି। ଅପରପକ୍ଷରେ ମଙ୍ଗଳବାର ଝସକେତନ ମାମଲା ବିଚାର ବନ୍ଦ ହେବା ସହ ଅନ୍ୟ କେତେକ ମାମଲାର ବିଚାର ପ୍ରକ୍ରିୟା ପ୍ରଭାବିତ ହୋଇଥିବା ସରକାରୀ ପିପି ପ୍ରଦୀପ ଦାଶ କହିଛନ୍ତି।

### ମାସ୍କ, ସାନିଟାଇଜର୍ ଉଭାନ

ଅନୁଗୋଳ ଅଫିସ୍, ୧୭।୩- ଅନୁଗୋଳ ସହରରୁ ଏବେ ମାସ୍କ ଓ ସାନିଟାଇଜର ଉଭାନ୍ ହୋଇଯାଇଛି। ଔଷଧ ଦୋକାନ ଠାରୁ ଆରମ୍ଭ କରି କସ୍‌ମେଟିକ୍ସ ଷ୍ଟୋର୍‌ରେ ଏହା ଉପଲବ୍ଧ ହେଉନାହିଁ। କାଁ ଭାଁ କେଉଁଠି ଥିଲେ ଚଢ଼ା ଦରରେ ବିକ୍ରି କରାଯାଉଥିବା ଅଭିଯୋଗ ହେଉଛି। ତେବେ ପୋଲିସ ପକ୍ଷରୁ କୁହାଯାଇଛି ଯେ, ସେପରି କେଉଁଠି କଳାବଜାର ହେଉଥିବା ଦୃଷ୍ଟିକୁ ଆସିନାହିଁ। ଲୋକେ ଅଭିଯୋଗ ମଧ କରିନାହାନ୍ତି। ଆବଶ୍ୟକ ପଡ଼ିଲେ ଚଢ଼ାଉ କରାଯିବ ବୋଲି ଥାନା ଅଧିକାରୀ ରମେଶ ଚନ୍ଦ୍ର ବିଶୋଇ କହିଛନ୍ତି।

### ଗ୍ରୋସରି ଦୋକାନରେ ଭିଡ଼

ଅନୁଗୋଳ ଅଫିସ୍, ୧୭।୩- ଅନୁଗୋଳ ବଜାରରେ ଥିବା ଗ୍ରୋସରି ଷ୍ଟୋରରେ ମଙ୍ଗଳବାର ଭିଡ଼ ଦେଖିବାକୁ ମିଳିଥିଲା। କାଳେ କରୋନା ଭୟ ଯୋଗୁ ମାର୍କେଟ ବନ୍ଦ କରାଯିବ ସେହି ଆଶଙ୍କାରେ ଲୋକମାନେ ଏମିତି ଭିଡ଼ ଲଗାଉଥିବା କେତେଜଣ ବ୍ୟବସାୟୀ କହିଛନ୍ତି। ଅତ୍ୟାବଶ୍ୟକ ସାମଗ୍ରୀ ବିକ୍ରି ବନ୍ଦ କରାଯିବ ନାହିଁ ବୋଲି ପ୍ରଶାସନ କହୁଥିବାରୁ ଲୋକମାନେ ଆତଙ୍କିତ ହେବାର କୌଣସି କାରଣ ନାହିଁ ବୋଲି ବ୍ୟବସାୟୀମାନେ ପ୍ରକାଶ କରିଛନ୍ତି। ଏ ନେଇ ବୁଧବାର ଅନୁଗୋଳ ଯୋଗାଣ ବିଭାଗ ପକ୍ଷରୁ ଲୋକମାନଙ୍କୁ ସଚେତନତା କରାଯିବା ସହ ଅସାଧୁ ଉପାୟ ଅବଲମ୍ବନ କରୁଥିବା ବ୍ୟବସାୟୀଙ୍କ ଉପରେ ଚଢ଼ାଉ କରାଯିବ ବୋଲି ଜିଲା ଯୋଗାଣ ଅଧିକାରୀ ଉମାଶଙ୍କର ପତି ସୂଚନା ଦେଇଛନ୍ତି।

### କରୋନା ୱାର୍ଡ ବୁଲି ଦେଖିଲେ ଜିଲାପାଳ

ଅନୁଗୋଳ ଅଫିସ୍, ୧୭।୩- ଅନୁଗୋଳ ଜିଲାପାଳ ମନୋଜ କୁମାର ମହାନ୍ତି ମଙ୍ଗଳବାର ମେଡିକାଲରେ ପହଞ୍ଚି କରୋନା ୱାର୍ଡ ଅନୁଧାନ କରିବା ସହ ସେଠାରେ କିପରି ବ୍ୟବସ୍ଥା କରାଯିବ ତାର ସମୀକ୍ଷା କରିଛନ୍ତି। ଏପରି କି ଆଇସୋଲେଶନ୍ ୱାର୍ଡରେ ସରକାରୀ ନିର୍ଦ୍ଦେଶାବଳୀ ଅନୁଯାୟୀ ଚିକିତ୍ସା ଯୋଗାଇ ଦେବାକୁ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ସେ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପକ୍ଷରେ କରୋନା ୱାର୍ଡ କାର୍ଯ୍ୟକ୍ଷମ ହେବା ପର୍ଯ୍ୟନ୍ତ ମେଲ୍ ୱାର୍ଡରେ ଜେରିଆଟିକ୍ ୱାର୍ଡ ଖୋଲାଯିବ ବୋଲି ଜିଲା ମୁଖ୍ୟ ଚିକିତ୍ସାଳୟ ପକ୍ଷରୁ ସୂଚନା ମିଳିଛି।

# କରୋନା କର୍ନର, ଆଇସୋଲେଶନ୍ ୱାର୍ଡ ବାଧ୍ୟତାମୂଳକ



କରୋନା ମୁକାବିଲା ପାଇଁ ଅନୁଷ୍ଠିତ ବୈଠକ।

- ଶିଳ୍ପ ସଂସ୍ଥା ଓ ହୋଟେଲ କର୍ତ୍ତୃପକ୍ଷଙ୍କ ସହ ବୈଠକ
- ବାହାରୁ ଆସୁଥିବା ଲୋକେ ପଞ୍ଜୀକୃତ ହେବେ
- ନିୟମ ଉଲ୍ଲଂଘନ କଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ

**ଅନୁଗୋଳ ଅଫିସ୍, ୧୭।୩**

କରୋନା ଭୂତାଣୁ କୋଭିଡ୍-୧୯ର ପ୍ରତିରୋଧ କ୍ଷେତ୍ରରେ ଜିଲାର ବିଭିନ୍ନ ଶିଳ୍ପ ସଂସ୍ଥା ଓ ହୋଟେଲ ସହଯୋଗ କରିବା ବାଧ୍ୟତାମୂଳକ। ଏ ନେଇ ମଙ୍ଗଳବାର ଅପରାହ୍ନରେ ଜିଲାପାଳ ମନୋଜ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। କରୋନା ଭୂତାଣୁକୁ ପ୍ରତିହତ କରିବା ପାଇଁ ସଂଘବଦ୍ଧ ଭାବେ ସରକାରଙ୍କ ନିୟମାବଳୀ ଆଧାରରେ ଦାୟିତ୍ୱ ନିର୍ବାହ କରିବାକୁ ଏଥିରେ ଜିଲାପାଳ ସମସ୍ତ ଶିଳ୍ପ ସଂସ୍ଥା ଓ ହୋଟେଲ କର୍ମକର୍ତ୍ତାଙ୍କୁ ଆହ୍ୱାନ ଦେଇଥିଲେ। ସମସ୍ତ ଶିଳ୍ପ ସଂସ୍ଥା ସେମାନଙ୍କ ଚିକିତ୍ସାଳୟରେ କରୋନା କର୍ନର ଓ ଆଇସୋଲେଶନ୍ ୱାର୍ଡ ରଖିବା ବାଧ୍ୟତାମୂଳକ ବୋଲି ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ।

ଏଥିସହ ବାହାରୁ ଆସୁଥିବା ଯେ କୌଣସି ପର୍ଯ୍ୟଟକଙ୍କ ଯାତ୍ରା କରିଥିବା ସ୍ଥାନ ଓ ମିଳାମିଶା କରିଥିବା ଲୋକଙ୍କ ସମ୍ପର୍କରେ ସମସ୍ତ ତଥ୍ୟ ସଂଗ୍ରହ କରାଯିବ। କରୋନା ଭୂତାଣୁ ଥିବାର ଲକ୍ଷଣ ଦେଖାଦେଲେ କି ସନ୍ଦେହ ସୃଷ୍ଟି ହେଲେ ସ୍ୱତନ୍ତ୍ର ୱାର୍ଡ କିମ୍ବା ଚିକିତ୍ସାଳୟରେ ରଖି ରକ୍ତ ନମୁନା ଓ ସ୍ୱାବ ପରୀକ୍ଷା କରିବାକୁ ବୈଠକରେ ପରାମର୍ଶ ଦିଆଯାଇଥିଲା। ଗତ ୪ ତାରିଖରୁ ବାହାର ଦେଶ ଓ ବିଭିନ୍ନ ରାଜ୍ୟରୁ ଅନୁଗୋଳ ଜିଲାକୁ ଆସୁଥିବା ସମସ୍ତ ପର୍ଯ୍ୟଟକଙ୍କ ଯାତ୍ରା ବିବରଣୀ ସମ୍ପର୍କରେ ଜିଲା ପ୍ରଶାସନକୁ ଅବଗତ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ଜିଲା ପ୍ରଶାସନ ପକ୍ଷରୁ ଟୋଲ ଫ୍ରି ହେଲପ୍ ଲାଇନ ନମ୍ବର ୧୦୭୭, ୦୬୭୬୪-୨୩୪୨୧୮ ଓ ୦୬୭୬୪-୨୩୦୯୮୦ରେ କରୋନା ସଂକ୍ରମଣର ଆଶଙ୍କା ସୃଷ୍ଟି ହେଉଥିଲେ ଜଣାଇବାକୁ କୁହାଯାଇଥିଲା। ସେହିପରି ଶିଳ୍ପ ସଂସ୍ଥା ଓ ହୋଟେଲଗୁଡ଼ିକୁ ୧୪ ଦିନ ମଧ୍ୟରେ ଆସିଥିବା ପର୍ଯ୍ୟଟକମାନଙ୍କୁ କ୍ୱାରାଣ୍ଟାଇନ୍‌ରେ ରଖାଯିବ। ଯଦି ଏହି ସମୟ ମଧ୍ୟରେ କେହି ଜ୍ୱର, କାଶ, ଥଣ୍ଡା ଓ ଶ୍ୱାସ ପ୍ରଶ୍ୱାସରେ କଷ୍ଟ ଅନୁଭବ କରନ୍ତି ତାଙ୍କୁ ତୁରନ୍ତ ଡାକ୍ତରଖାନାର ଆଇସୋଲେଶନ୍ ୱାର୍ଡରେ ରଖି ଚିକିତ୍ସା କରିବାକୁ କମ୍ପାନୀ ଓ ହୋଟେଲର କର୍ମକର୍ତ୍ତାଙ୍କୁ ଜିଲାପାଳ କହିଥିଲେ। ସରକାରଙ୍କ ଦ୍ୱାରା ପ୍ରଚଳିତ ନିୟମାବଳୀର ଅବମାନନା କ୍ଷେତ୍ରରେ ସମ୍ପୃକ୍ତ ସଂସ୍ଥା ଓ ହୋଟେଲ ମାଲିକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲାପାଳ ଚେତାବନୀ ଦେଇଥିଲେ। ଯେଉଁମାନେ ବାହାର ଦେଶ ଓ ରାଜ୍ୟରୁ ଜିଲାକୁ ଆସୁଛନ୍ତି ସେମାନେ ୧୦୪ ହେଲପ୍ ଲାଇନରେ ପଞ୍ଜୀକରଣ କଲେ ସରକାରଙ୍କ ପକ୍ଷରୁ ହୋମ୍ କ୍ୱାରାଣ୍ଟାଇନ ପାଇଁ ୧୫ ହଜାର ଟଙ୍କାର ପ୍ରୋତ୍ସାହନ ରାଶି ଯୋଗାଇ ଦିଆଯିବ ବୋଲି ଏସ୍‌ପି ଜଗମୋହନ ମୀନା ପ୍ରକାଶ କରିଥିଲେ। ବିଭିନ୍ନ ଧାର୍ମିକ ପୀଠକୁ ଆସୁଥିବା ପର୍ଯ୍ୟଟକ ଓ ଦର୍ଶନାଭିଳାଶୀଙ୍କ ପାଇଁ ମନ୍ଦିର ଫାଟକ ନିକଟରେ ହାତଧୁଆ ବ୍ୟବସ୍ଥା ସହ ଜଣଙ୍କ ପରେ ଜଣଙ୍କୁ ଛାଡ଼ିବାକୁ ବୈଠକରେ କୁହାଯାଇଥିଲା। ଏହି ବୈଠକରେ ନାଲ୍‌କୋ, ଜେଏସ୍‌ପିଏଲ୍, ଜେଆଇଟିପିଏଲ୍, ଏନ୍‌ଟିପିସି (କଣିହାଁ), ଟିଟିପିଏସ୍, ଟାଟା ବିଏସ୍‌ଏଲ୍, ଏମ୍‌ସିଏଲ୍ ଆଦି ଶିଳ୍ପ ସଂସ୍ଥାର କର୍ମକର୍ତ୍ତା, ଅତିରିକ୍ତ ଜିଲାପାଳ ତପନ କୁମାର ଶତପଥୀ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଅତୁଲ୍ୟ କୁମାର ଚମ୍ପତିରାୟ, ଅନୁଗୋଳ ଉପଜିଲାପାଳ ବାସୁଦେବ ଶତପଥୀ, ତାଳଚେର ଉପଜିଲାପାଳ ପରେଶ ଚନ୍ଦ୍ର ନାୟକ, ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ପ୍ରତାପ କୁମାର ବେହେରାଙ୍କ ସମେତ ବିଭିନ୍ନ ବିଭାଗର ଜିଲାସ୍ତରୀୟ ଅଧିକାରୀମାନେ ଯୋଗଦେଇଥିଲେ।

# ଜଗନ୍ନାଥ ମନ୍ଦିରରେ କଟକଣା

- ଗରୁଡ଼ସ୍ତମ୍ଭ ଛୁଇଁବା ମନା
- ବନ୍ଦ ହେଲା ଆନନ୍ଦ ବଜାର

**ଅନୁଗୋଳ ଅଫିସ୍, ୧୭।୩**

କରୋନା ପାଇଁ ଅନୁଗୋଳ ଶୈଳ ଶ୍ରୀକ୍ଷେତ୍ରରେ ଥିବା ଜଗନ୍ନାଥଙ୍କ ଦର୍ଶନ ନିମନ୍ତେ କଟକଣା ଲାଗୁ ହୋଇଛି। ଆଉ ପୂର୍ବ ଭଳି ଭକ୍ତମାନେ ଗରୁଡ଼ସ୍ତମ୍ଭ ଛୁଇଁ ପାରିବେ ନାହିଁ। ଦୁଇରୁ ତିନି ଜଣ ମନ୍ଦିର ଭିତରକୁ ପ୍ରବେଶ କରି ଦର୍ଶନ କରି ସାରିବା ପରେ ତୁରନ୍ତ ମନ୍ଦିର ଛାଡ଼ିବାକୁ କୁହାଯାଇଛି। ମନ୍ଦିର ଭିତରକୁ ପ୍ରବେଶ କରିବା ପୂର୍ବରୁ ଭକ୍ତମାନଙ୍କ ହାତ ଧୋଇବା ବାଧ୍ୟତାମୂଳକ କରାଯାଇଛି। ସମସ୍ତେ ହାତ ଧୋଇବା ପରେ ହିଁ ଜଗମୋହନ ଯାଏ ଯାଇପାରିବେ ବୋଲି ଜଗନ୍ନାଥ ମନ୍ଦିର ପରିଚାଳନା କମିଟି ଉପସଭାପତି ଭବାନୀ ମିଶ୍ର ସୂଚନା ଦେଇଛନ୍ତି। ଏଥିସହ ୩୧ ତାରିଖ ପର୍ଯ୍ୟନ୍ତ ମନ୍ଦିର ଭିତରେ ବିବାହ ଓ ବ୍ରତଘର ବନ୍ଦ କରାଯାଇଛି। ତେବେ ମନ୍ଦିର ଭିତରେ ଥିବା ୨୨ ପାହାଚକୁ ଯିବା ପୂର୍ବରୁ ରେଜିଷ୍ଟର୍‌ରେ ସେମାନଙ୍କର ନାମ, ଠିକଣା, ବୟସ ଓ ଫୋନ୍ ନମ୍ବର ପଞ୍ଜୀକରଣ ହେବା ପରେ ଭିତରକୁ ଛଡ଼ାଯିବ ବୋଲି ପରିଚାଳନା କମିଟି ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଅନ୍ୟପକ୍ଷରେ ଆନନ୍ଦ ବଜାରରେ ଚାଲୁଥିବା ପ୍ରସାଦ ସେବନ କାର୍ଯ୍ୟକୁ ବନ୍ଦ କରାଯିବ ବୋଲି ପରିଚାଳନା କମିଟି ପକ୍ଷରୁ ନିଷ୍ପତ୍ତି ନିଆଯାଇଛି।

# ଆହାର କେନ୍ଦ୍ର ସମୟରେ ବୃଦ୍ଧି

**ଅନୁଗୋଳ ଅଫିସ୍, ୧୭।୩:** କରୋନା ଭୂତାଣୁ ସଂକ୍ରମଣର ମୁକାବିଲା ପାଇଁ ଆହାର କେନ୍ଦ୍ରଗୁଡ଼ିକରେ କଟକଣା ଲାଗୁ କରାଯାଇଛି। ଜିଲାରେ ଥିବା ଆହାର କେନ୍ଦ୍ରଗୁଡ଼ିକୁ ପୂର୍ବଭଳି ଚାଲୁ ରଖାଯାଇଥିଲେ ବି ଭିଡ଼ ଏଡ଼ାଇବାକୁ ସମୟ ଅବଧିରେ ବୃଦ୍ଧି କରାଯାଇଛି। ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଲୋକମାନେ ଏଠାରେ ଆହାର ଖାଇପାରିବେ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି। ତେବେ ଧାଡ଼ିରେ ଛିଡ଼ା ହେବା ବେଳେ ଦୁଇ ଜଣ ବ୍ୟକ୍ତି ପରସ୍ପର ମଧ୍ୟରେ ଅତିକମ୍‌ରେ ଦେଢ଼ ମିଟର ବ୍ୟବଧାନ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହା ଉପରେ ନଜର ରଖିବାକୁ ପୋଲିସ କର୍ମଚାରୀଙ୍କୁ ମଙ୍ଗଳବାର ବିଭିନ୍ନ ଆହର କେନ୍ଦ୍ରରେ ନିୟୋଜିତ କରାଯାଇଥିବା ଦେଖିବାକୁ ମିଳିଛି। ସେହିପରି ଆହାର କେନ୍ଦ୍ରର ପ୍ରବେଶ ଦ୍ୱାର ନିକଟରେ ହାତ ଧୋଇବାର ବ୍ୟବସ୍ଥା କରାଯାଇଥିବାବେଳେ ସାନିଟାଇଜର ଉପଲବ୍ଧ ହେବ। ଯେଉଁ ବ୍ୟକ୍ତିମାନେ ଆହର କେନ୍ଦ୍ର ଭିତରେ ଭୋଜନ କରିବାକୁ ଅନିଚ୍ଛା ପ୍ରକାଶ କରିବେ ସେମାନେ ବାହାରକୁ ଆସି ଭୋଜନ କରିପାରିବେ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି। ସେହିପରି ଟୋକନ ପାଇଁ ଲୋକମାନେ ସିଧାସଳଖ ଟଙ୍କା ଦେବା ବଦଳରେ ଡ୍ରପ୍ ବକ୍ସରେ ପକାଇବାର ବ୍ୟବସ୍ଥା କରାଯାଇଛି। ଏଥିସହିତ ଆହାର କେନ୍ଦ୍ର ବାହାରେ ଲୋକଙ୍କ ପାଇଁ ପାନୀୟ ଜଳର ବ୍ୟବସ୍ଥା କରାଯିବ ବୋଲି ଜିଲାପାଳ ମନୋଜ କୁମାର ମହାନ୍ତି ସୂଚନା ଦେଇଛନ୍ତି।

## ହାଟ ବନ୍ଦ, ଗାଁ ମୁହାଁ ବ୍ୟବସାୟୀ



**ବଅଁରପାଳ, ୧୭।୩(ଡି.ଏନ.ଏ.):** କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ବଅଁରପାଳ ହାଟକୁ ମଙ୍ଗଳବାର ପୋଲିସ ପ୍ରଶାସନ ପକ୍ଷରୁ ବନ୍ଦ କରାଯାଇଛି। ଫଳରେ ସକାଳୁ ବିଭିନ୍ନ ସାମଗ୍ରୀ ନେଇ ହାଟାକୁ ଆସିଥିବା ବ୍ୟବସାୟୀମାନେ ଗାଁ ମୁହାଁ ହୋଇଛନ୍ତି। ପୋଲିସ ପକ୍ଷରୁ ଡାକବାଜି ଯନ୍ତ୍ର ଦ୍ୱାରା ହାଟ ପରିସରରେ ପ୍ରଚାର କରାଯାଇଥିଲା। ଏପରିକି ଅଞ୍ଚଳରେ ୧୪୪ ଧାରା ଲାଗୁ କରାଯାଇଥିବାରୁ ୪ଜଣରୁ ଅଧିକ ଲୋକ ରହି ପାରିବେ ନାହିଁ ବୋଲି କୁହାଯାଇଥିଲା। ତେଣୁ ଆସିଥିବା ବହୁ ବ୍ୟବସାୟୀ ହାଟ ଛାଡି ପନିପରିବା ଧରି ବିଭିନ୍ନ ଗାଁ ମୁହାଁ ହୋଇ ପରିବା ପତ୍ର ବିକ୍ରି କରିଥିଲେ। କେତେଜଣ ବ୍ୟବସାୟୀ ହାଟଠାରୁ ଅଳ୍ପ ଦୂରରେ ରାସ୍ତାରେ ବସି ବ୍ୟବସାୟ କରୁଥିବା ଦେଖାଯାଇଥିଲା।

## ଥାନା ବାହାରେ ହାତଧୁଆ ବ୍ୟବସ୍ଥା

**ଛେଣ୍ଡିପଦା/କଣିହାଁ, ୧୭।୩**



ଛେଣ୍ଡିପଦା ଥାନା ପରିସରରେ ମଙ୍ଗଳବାର ହାତଧୁଆ ବ୍ୟବସ୍ଥା ଏବଂ କରୋନା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଥାନା ଅଧିକାରୀ କନକ ମାଝିଙ୍କ ତତ୍ତ୍ୱାବଧାନରେ ଥାନାକୁ ଆସୁଥିବା ପ୍ରତ୍ୟେକ କର୍ମଚାରୀ ଓ ଅଭିଯୋଗକାରୀ ହାତ ଧୋଇ ଥାନା ଭିତରକୁ ପ୍ରବେଶ କରିବା ପାଇଁ ସଚେତନ କରାଯାଇଥିଲା। ସେହିପରି କଣିହାଁ ବ୍ଲକର ସମସ୍ତ ଥାନା ତରଫରୁ ହାତ ଧୋଇବାକୁ ବାହାରେ ବେସିନ ଲଗାଯାଇଛି। ପ୍ରଥମେ ଅଭିଯୋଗକାରୀମାନେ ହାତ ସଫା କରିବା ପରେ ଭିତରକୁ ଯାଇ ଅଭିଯୋଗ କରିବାକୁ ଏହି ବ୍ୟବସ୍ଥା କରାଯାଇଛି। କରୋନା ସଚେତନତା ପାଇଁ ଏପରି ପଦକ୍ଷେପ ନିଆଯାଇଥିବାରୁ ପୋଲିସ ବିଭାଗ ଉଚ୍ଚକର୍ତ୍ତୃପକ୍ଷ ସମସ୍ତ ଥାନା ଅଧିକାରୀଙ୍କୁ ଧନ୍ୟବାଦ ଦେଇଛନ୍ତି।

## ପରୀକ୍ଷା ବାତିଲ ଦାବି



**ଅନୁଗୋଳ ଅଫିସ୍, ୧୭।୩**

ଅନୁଗୋଳସ୍ଥିତ ଜବାହରଲାଲ୍ ନେହେରୁ ନବୋଦୟ ବିଦ୍ୟାଳୟ ବନ୍ଦ ସହ ପରୀକ୍ଷା ବାତିଲ୍ କରିବାକୁ ଅଭିଭାବକ ସଂଘ ପକ୍ଷରୁ ଦାବି କରାଯାଇଛି। ଏ ନେଇ ଅଭିଭାବକ ସଂଘ ପକ୍ଷରୁ ଏକ ଦାବିପତ୍ର ଜିଲାପାଳଙ୍କୁ ପ୍ରଦାନ କରାଯିବା ସହ ବିଦ୍ୟାଳୟ ହଷ୍ଟେଲକୁ ବନ୍ଦ କରିବା ଓ ପରୀକ୍ଷାକୁ ଘୁଞ୍ଚାଇବା ପାଇଁ ଦାବି ହୋଇଛି। ପ୍ରଥମରୁ ନବମ ଓ ଏକାଦଶ ପରୀକ୍ଷାର ମୁଖ୍ୟ ବିଷୟ ଗୁଡ଼ିକ ସରିଥିବାବେଳେ ବିଦ୍ୟାଳୟରେ ପୁଣି ପରୀକ୍ଷା କରାଯାଉଥିବାରୁ ଅଭିଭାବକ ସଂଘ ଉଦ୍‌ବେଗ ପ୍ରକାଶ କରିଛି। ରାଜ୍ୟ ସରକାର ଓ ଶିକ୍ଷା ବିଭାଗର ଛୁଟି ଘୋଷଣା ବେଳେ ବିଦ୍ୟାଳୟ ବନ୍ଦ କରାଯିବା କଥା ବୋଲି ଜଏଣ୍ଟ କମିଶନର ଅଭିଭାବକମାନଙ୍କୁ କହିଥିବା ସେମାନେ କହିଛନ୍ତି। ମୁରଲୀଧର ବେହେରା, ଦୁଃଶାସନ ସାହୁ, ସୁରେନ୍ଦ୍ର କୁମାର ସାହୁ, ସୁଶାନ୍ତ ପଣ୍ଡା, ଗୌରାଙ୍ଗ ସାହୁ, ସଚିଦାନନ୍ଦ ମାହାଲିକ ପ୍ରମୁଖ ଦାବିପତ୍ର ପ୍ରଦାନ କରିଥିଲେ।

# ସତର୍କ, ସ୍ୱଚ୍ଛ ରହିବାକୁ ପରାମର୍ଶ

**ଆଠମଲ୍ଲିକ/ବଇଣ୍ଡା, ୧୭।୩(ଡି.ଏନ.ଏ.)**



ବୈଠକରେ ଆଠମଲ୍ଲିକ ଉପଜିଲାପାଳଙ୍କ ସମେତ ଅନ୍ୟ ଅଧିକାରୀମାନେ।

ଆଠମଲ୍ଲିକ ବ୍ଲକ ସଭାଗୃହରେ ମଙ୍ଗଳବାର କରୋନା ସଂକ୍ରମଣ ସମ୍ପର୍କିତ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉପଜିଲାପାଳ ଡ. ରଜନୀକାନ୍ତ ବିଶ୍ୱାଳ ଏଥିରେ ଅଧ୍ୟକ୍ଷତା କରିଥିଲେ। କରୋନା ସଂକ୍ରମଣରୁ ରକ୍ଷା ପାଇବା ପାଇଁ ଆଠମଲ୍ଲିକବାସୀ ସତର୍କ ରହିବା ସହିତ ସ୍ୱଚ୍ଛତା ଉପରେ ଧ୍ୟାନ ଦେବା ଆବଶ୍ୟକ। ଦେଶ ଓ ରାଜ୍ୟ ବାହାରୁ ଆସୁଥିବା ଲୋକଙ୍କ ଉପରେ ପଞ୍ଚାୟତ ପ୍ରତିନିଧି ନଜର ରଖିବା ସହ ସନ୍ଦେହ ଜାତ ହେଲେ ତୁରନ୍ତ ପ୍ରଶାସନକୁ ଜଣାଇବା ପାଇଁ ଉପଜିଲାପାଳ ପରାମର୍ଶ ଦେଇଥିଲେ। ଆଠମଲ୍ଲିକ ବିଡିଓ ସଞ୍ଜୟ କୁମାର ଆଚାର୍ଯ୍ୟ ଆବଶ୍ୟକସ୍ଥଳେ ସନ୍ଦିଗ୍ଧଙ୍କୁ କ୍ୱାରାଣ୍ଟାଇନ୍‌ରେ ରଖିବା ନିମନ୍ତେ ପଞ୍ଚାୟତସ୍ତରରେ ଗୋଟିଏ ହାଇସ୍କୁଲ ବାଛିବାକୁ ସରପଞ୍ଚମାନଙ୍କୁ ଅନୁରୋଧ କରିଥିଲେ। ମାଧପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଡା. ରାହୁଲ ଗର୍ଗ ଯୋଗଦେଇ ହାତକୁ ନିୟମିତ ଧୋଇବା, କାଶିବା ଛିଙ୍କିବାବେଳେ ରୁମାଲ ବ୍ୟବହାର ଓ ଜନ ସମାଗମରୁ ଦୂରେଇ ରହିବା ସମ୍ପର୍କରେ ସଚେତନ କରିଥିଲେ। ବ୍ଲକ ଅଧ୍ୟକ୍ଷା ମିନାକ୍ଷୀ ଦଳେଇ, ବିଧାୟକଙ୍କ ପ୍ରତିନିଧି କ୍ଷୀରୋଦ ବଘାର, ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ, ନିର୍ବାହୀ ଅଧିକାରୀ, ଜିଆରଏସ୍ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି କିଶୋରନଗର ବ୍ଲକ ପ୍ରଶାସନ ପକ୍ଷରୁ ବ୍ଲକ ସଭାଗୃହ ପରିସରରେ ଏକ ସଚେତନତା ବୈଠକ ଅନୁଷ୍ଠିତ ହୋଇଥିଲା। ବିଡିଓ ଅମୃତା ପ୍ରିୟମ୍ବଦାଙ୍କ ସଭାପତିତ୍ୱରେ ବ୍ଲକ ଅଧ୍ୟକ୍ଷା ବବିତା ପ୍ରଧାନ, ଜିପିଓ ସୁଜାତା ତ୍ରିପାଠୀ, ସହକାରୀ ଯନ୍ତ୍ରୀ ସୁନୀଲ କୁମାର ସିଂ, ଆକାଉଣ୍ଟ ଅଫିସର ଏଲ୍‌ଏନ୍‌ଏସ୍ ରାଜେନ୍ଦ୍ର, ଡ. ପ୍ରିୟବ୍ରତ ଦାସ ଯୋଗଦେଇ କରୋନା ଭୂତାଣୁ ସମ୍ପର୍କରେ ଉପସ୍ଥିତ ଥିବା ସରପଞ୍ଚ, ସମିତି ସଭ୍ୟମାନଙ୍କୁ ସଚେତନ ରହିବାକୁ ପରାମର୍ଶ ଦେଇଥିଲେ।



କିଶୋରନଗର ବ୍ଲକରେ ଅନୁଷ୍ଠିତ ବୈଠକରେ ବିଡିଓଙ୍କ ସମେତ ଅନ୍ୟମାନେ।

### ଆଠମଲ୍ଲିକରେ ୪ ସନ୍ଦିଗ୍ଧ

ଆଠମଲ୍ଲିକ, ୧୭।୩(ଡି.ଏନ.ଏ.): ଆଠମଲ୍ଲିକ ବ୍ଲକ ଅଞ୍ଚଳରେ ୪ ଜଣ କରୋନା ସନ୍ଦିଗ୍ଧ ଚିହ୍ନଟ ହୋଇଥିବା ଜଣାଯାଇଛି। ଗତ ୧୪ ତାରିଖରେ ସମ୍ପୃକ୍ତ ୪ ଜଣ ଚେନ୍ନାଇରୁ ବାହାରି ୧୬ ତାରିଖରେ ନିଜ ଘରେ ପହଞ୍ଚି ଥିଲେ। ଏ ନେଇ ସରପଞ୍ଚ ମହେଶ୍ୱର ଦେହୁରୀ ବ୍ଲକ ପ୍ରଶାସନକୁ ମଙ୍ଗଳବାର ଲିଖିତ ଭାବେ ଜଣାଇଛନ୍ତି।

# ଭୟଭୀତ ନ ହେବାକୁ ଡାକବାଜି ଯନ୍ତ୍ରରେ ପ୍ରଚାର

- କରୋନାକୁ ନେଇ ସଚେତନ, ସତର୍କ ରୁହ
- ସ୍କୁଲରେ ବନ୍ଦ କରାଗଲା ବହି ବିକ୍ରି
- ହଷ୍ଟେଲ, ମେସ୍ ଖାଲି କରିବାକୁ ନିର୍ଦ୍ଦେଶ

**ଅନୁଗୋଳ ଅଫିସ୍, ୧୭।୩**

କରୋନା ସଂକ୍ରମଣରୁ ଅନୁଗୋଳ ଜିଲାବାସୀଙ୍କୁ ରକ୍ଷା କରିବା ପାଇଁ ପ୍ରଶାସନ ପକ୍ଷରୁ ସଚେତନତା ଅଭିଯାନକୁ ଆହୁରି ଜୋରଦାର କରାଯାଇଛି। ମଙ୍ଗଳବାର ଡାକବାଜି ଯନ୍ତ୍ର ସହାୟତାରେ ଏ ନେଇ ସହର ଓ ଗ୍ରାମାଞ୍ଚଳରେ ସଚେତନ ଓ ସତର୍କ ରହିବାକୁ ପ୍ରଚାର କରାଯାଇଛି। ପୌରପାଳିକା ପକ୍ଷରୁ ସହରର ଗଳି କନ୍ଦିରେ ରିକ୍ସା, ସହ ଅନ୍ୟାନ୍ୟ ଗାଡ଼ିରେ ପ୍ରଚାର କରାଯାଇଥିବାବେଳେ ଅନୁଗୋଳ ପୋଲିସ ପିସିଆର ଭ୍ୟାନରେ ପ୍ରଚାର ଚଳାଇଥିବା ଦେଖିବାକୁ ମିଳିଛି।

କରୋନା ପାଇଁ ଅନୁଗୋଳ ଜିଲା ପ୍ରଶାସନ ପକ୍ଷରୁ ୧୪୪ ଧାରା ଜାରି କରାଯାଇଛି। ଏଥିସହ ଭିଡ଼ ଏଡ଼ାଇବାକୁ ଆହୁରି ଅନେକ ପଦକ୍ଷେପମାନ ନିଆଯାଇଛି। ତେବେ ରୋଟାରୀ ପବ୍ଲିକ୍ ସ୍କୁଲରେ ତିନି ଦିନ ହେବ ବହି ବିକ୍ରି କରାଯାଉଥିବା ଜଣାପଡ଼ିବା ପରେ ପୋଲିସ ଓ ପ୍ରଶାସନ ପକ୍ଷରୁ ତାହାକୁ ବନ୍ଦ ରଖାଯାଇଛି। ବହି ନେବାକୁ ରୁଣ୍ଡ ହୋଇଥିବା ଅଭିଭାବକ ଓ ଛାତ୍ରୀଛାତ୍ରଙ୍କୁ ସ୍କୁଲ ପରିସରରୁ ପୋଲିସ ବାହାର କରିଥିବାବେଳେ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ଚେତାବନୀ ଦେଇଛି। ଏଥିସହ ସ୍କୁଲରେ ତାଲା ପକାଇବା ପାଇଁ ଅନୁଗୋଳ ପୌରପାଳିକା ନିର୍ବାହୀ ଅଧିକାରୀ ବିନୋଦଚନ୍ଦ୍ର ପଣ୍ଡା ଓ ଅନୁଗୋଳ ଥାନା ଏସ୍‌ଆଇ ପ୍ରକାଶ ଚନ୍ଦ୍ର ମାଝି ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ସହରରେ ଥିବା ସରକାରୀ ଓ ବେସରକାରୀ ହଷ୍ଟେଲଗୁଡ଼ିକ ବନ୍ଦ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। କେତେକ ହଷ୍ଟେଲ ଖାଲି ହୋଇଥିବାବେଳେ ଆଉ କେତେକରେ ଛାତ୍ରୀଛାତ୍ରମାନେ ରହିଥିଲେ। ମଙ୍ଗଳବାର ସକାଳେ ପୋଲିସ ପହଞ୍ଚି ସେସବୁ ଖାଲି କରିବାକୁ ହଷ୍ଟେଲ ସୁପରିଣ୍ଟେଣ୍ଡେଣ୍ଟ ଓ ହଷ୍ଟେଲ ମାଲିକଙ୍କୁ କହିଥିବା ଦେଖିବାକୁ ମିଳିଥିଲା। ତେବେ ହଷ୍ଟେଲରେ ଯେଉଁ ଛାତ୍ରୀଛାତ୍ରଙ୍କ ଆବଶ୍ୟକତା ନାହିଁ ସେମାନଙ୍କୁ ଖାଲି କରିବାକୁ କୁହାଯାଇଥିବା ହଷ୍ଟେଲ ମାଲିକମାନେ କହିଛନ୍ତି। ଅନ୍ୟପକ୍ଷରେ ରୋଟାରି ସ୍କୁଲ କର୍ତ୍ତୃପକ୍ଷ କହିଛନ୍ତି, ବିଦ୍ୟାଳୟ ପରିସରରେ ବହି ବିକ୍ରି କରାଯିବା କଥା ନୁହେଁ ବୋଲି ଜାଣି ନ ଥିଲୁ। ପୋଲିସ ଓ ପ୍ରଶାସନିକ ଅଧିକାରୀମାନେ ଆସିବା ପରେ ଏହାକୁ ବନ୍ଦ କରି ଦିଆଯାଇଛି। ପୌରନିର୍ବାହୀ ଅଧିକାରୀ ପଣ୍ଡା କହିଛନ୍ତି, ବହି ବିକ୍ରି କରାଯାଉଥିବା ଖବର ପାଇବା ପରେ ସ୍କୁଲରେ ପହଞ୍ଚି କର୍ତ୍ତୃପକ୍ଷଙ୍କୁ ବନ୍ଦ ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା।





ଅନୁଗୋଳ ପୌରପାଳିକା ପକ୍ଷରୁ ପ୍ରଚାର କରାଯାଉଛି।





ଅନୁଗୋଳ କଲେଜ ପାର୍ଶ୍ୱରେ କେତେକ ହଷ୍ଟେଲରେ ଅଛନ୍ତି ପିଲା।



ରୋଟାରି ପବ୍ଲିକ ସ୍କୁଲରେ ବହି ବିକ୍ରି ପୋଲିସ ବନ୍ଦ କରୁଛି।

### ଓଡ଼ିଶା ଦିବସ କାର୍ଯ୍ୟକ୍ରମ ବାତିଲ

ଅନୁଗୋଳ ଅଫିସ୍, ୧୭।୩- କରୋନା ଭୂତାଣୁ ସଂକ୍ରମଣକୁ ଦୃଷ୍ଟିରେ ରଖି ଏପ୍ରିଲ୍ ୧ ଓଡ଼ିଶା ଦିବସ ୨୦୨୦ ଓ ଜିଲା ପ୍ରତିଷ୍ଠା ଦିବସର ବିଭିନ୍ନ କାର୍ଯ୍ୟକ୍ରମକୁ ବାତିଲ କରାଯାଇଛି। ଚଳିତ ମାସ ୭ ତାରିଖରେ ଜିଲାପାଳ ମନୋଜ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବୈଠକର ନିଷ୍ପତ୍ତି ଅନୁଯାୟୀ ୨୪ ତାରିଖରେ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତାର ଆୟୋଜନ ହୋଇଥାନ୍ତା। କିନ୍ତୁ ଉକ୍ତ ପ୍ରତିଯୋଗିତାକୁ ଏବେ ବାତିଲ କରିଦିଆଯାଇଛି।

**ପୂର୍ବ ତଟ ରେଳପଥ**

**ଭଡ଼ା ସୂତ୍ରରେ ଗାଡ଼ି**

ଟେଣ୍ଡର ସଂ.ELS-ANGL-OT-19-20-18

**କାର୍ଯ୍ୟର ନାମ:** ଏକୋଇସି (Twenty One) ମାସ ଅବଧି ନିମନ୍ତେ ଚାଳକ ଏବଂ ଇନ୍ଧନ ସହିତ ଗୋଟିଏ ବହୁ ଉଦ୍ଦେଶ୍ୟରେ ଉପଯୋଗି (Multi Purpose Utility) ହେଉଥିବା ହାଲୁକା ଗାଡ଼ି ଭଡ଼ା ସୂତ୍ରରେ ନେବା।

**ବିଜ୍ଞାପିତ ମୂଲ୍ୟ(ଟଙ୍କାରେ):** 8,93,645.05, EMD (ଟଙ୍କାରେ): 17,900/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ): 2,360/-, ଶେଷ ହେବା ଅବଧି: 21 ମାସ।

ବିଡ୍ ଆରମ୍ଭ ହେବା ତାରିଖ: ତା.20.03.2020ରିଖ,

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ:** ତା.03.04.2020ରିଖ 1500 ଘଟିକାରେ।

ଏହି ଟେଣ୍ଡର ନିମନ୍ତେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ।

ଇ-ଟେଣ୍ଡରର ନଥିପତ୍ର ସହିତ ସଂପୂର୍ଣ୍ଣ ସୂଚନାବଳୀ http://www.ireps.gov.in ରେ ଉପଲବ୍ଧ ଅଟେ।

ସହାୟକ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ(TRS)/ ଅନୁଗୁଳ

PR-792/K/19-20

**OFFICE OF THE NOTIFIED AREA COUNCIL, KHARIAR ROAD**

No.1184 Date. 13.03.2020

**DETAILED TENDER CALL NOTICE**

| | |
|---|---|
| Name of work | : Procurement of sanitary materials |
| E.M.D. | : Rs. 20,000.00 |
| Tender Notice No. & Date | : No. 1184 Date: 13.03.2020 |
| Agency | : As per eligibility |
| Period of Tender | : One year |
| Cost of Bid documents | : Rs. 2,000.00 |
| Sale of Documents | : Dt. 16.03.2020 upto 3.30 PM of Date. 24.03.2020 |
| Last date of Receipt of filled up bid documents | : Upto 4.00 PM Dt. 27.03.2020 |
| Date of opening of Technical Bid | : 3.30 PM of Dt. 31.03.2020 |
| Date of opening of Financial Bid | : 3.30 PM of Dt. 31.03.2020 |
| Name & Address of the Officer inviting the notice | : Executive Officer, NAC, Khariar Road |

Sd./- Executive Officer, NAC, Khariar Road

